ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1093/21-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୧ ଜାନୁଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ୫–'ଟି' ଅଭିଯାନ ଅଧୀନରେ ପୁରୀ ବିଶ୍ୱ ଐତିହ୍ୟ ପ୍ରକଳ୍ପର ଅଂଶସ୍ୱରୂପ କୋଣାର୍କ ଅଞ୍ଚଳରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କାର୍ଯ୍ୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । କୋଣାର୍କକୁ କଳିଙ୍ଗ ସ୍ଥାପତ୍ୟର ଅପୂର୍ବ ନିଦର୍ଶନ ଭାବରେ ବର୍ଣ୍ଣନା କରି ଏହାର ସୁରକ୍ଷା ଓ ସଂରକ୍ଷଣ ସୁନିଶ୍ଚିତ କରିବା ସହିତ ଅଧିକରୁ ଅଧିକ ସଂଖ୍ୟକ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ନିମନ୍ତେ କୋଣାର୍କ ଐତିହ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୩.୫ କିଲୋମିଟର ବାହ୍ୟ ରିଙ୍ଗରୋଡ୍‌କୁ ୬ ଥାକିଆ ନିର୍ମାଣ କରାଯିବା ସହିତ ମନ୍ଦିରକୁ ଯାଇଥିବା ସବୁ ରାସ୍ତାର ବିକାଶ କରାଯିବ । ପ୍ରବେଶ ସ୍ଥଳରେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପାଇଁ ସୁଦୃଶ୍ୟ ଏଣ୍ଟ୍ରି ପ୍ଲାଜା ନିର୍ମାଣ କରାଯିବା ସହିତ ମନ୍ଦିର ସମ୍ମୁଖରେ ଥିବା ୩୦ ଏକର ଜମିର ଲ୍ୟାଣ୍ଡ ସ୍କେପିଂ କରାଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଯାନବାହନ ପାର୍କିଂ ପାଇଁ ମଲ୍ଟି–ମଡେଲ୍ ହବ୍, ପଥଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ଓ ମୁକ୍ତାକାଶ ରଙ୍ଗମଞ୍ଚର ପୁନର୍ବିନ୍ୟାସ ପରି ସୁବିଧାଗୁଡ଼ିକୁ କାର୍ଯ୍ୟକାରୀ କରାଯିବ ।

- ମାନ୍ୟବର ମନ୍ତ୍ରୀ, କ୍ରୀଡ଼ା ଓ ଯୁବସେବା ଶ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ସଚିବ, ପୂର୍ତ୍ତ ବିଭାଗ ଓ ବରିଷ୍ଠ ପଦାଧିକାରୀମାନେ ବୈଠକରେ ଯୋଗଦେଇଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ ସଂଯୋଜନା କରିଥିଲେ । ଆସନ୍ତା ୨୧ ଦିନ ମଧ୍ୟରେ କୋଣାର୍କ ଐତିହ୍ୟ ଅଞ୍ଚଳ ବିକାଶର ଚିଠା ଯୋଜନା ଉପରେ ମତାମତ ଇମେଲ୍ (konark.obcc@gmail .com)ଦେବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ସପ୍ତାହ–୨୦୨୦ ପାଳନ ଅବସରରେ ହୋଇଥିବା ଅନ୍‌ଲାଇନ୍ ଅବଧାରଣା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ନୟାଗଡ଼ ଜିଲ୍ଲା ନୋତାରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଅଭିନନ୍ଦନ ଜଣାଇଛନ୍ତି । ମୂଲ୍ୟବାନ ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ଆମର ଛାତ୍ରଛାତ୍ରୀମାନେ ସ୍ପଷ୍ଟ ଭାବରେ ଟ୍ରାଫିକ ସଚେତନତାର ବାର୍ତ୍ତା ପ୍ରଚାର କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରଶଂସା କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତର ସର୍ବପୁରାତନ ଜନଜାତି ଉତ୍ସବ ଓଡ଼ିଶାର 'ଆଦିବାସୀ ମେଳା' ଶହ ଶହ ବର୍ଷ ଧରି ସଂରକ୍ଷିତ ୧୩ଟି ଆଦିମ ଜନଜାତିଙ୍କ ସହ ୬୨ଟି ଜନଜାତି ବର୍ଗଙ୍କର ଉତ୍କୃଷ୍ଟ କଳା, ସଂସ୍କୃତି ଓ କାରିଗରୀର ପ୍ରଦର୍ଶନ ସହ ସେମାନଙ୍କର ଜୀବନଚର୍ଯ୍ୟା ଉପରେ ଧାରଣା ଦିଏ । ମାନ୍ୟବର ମୁଖ୍ୟମନ୍ତ୍ରୀ 'ଆଦିବାସୀ ମେଳା-୨୦୨୧'ରେ ଜନଜାତି ଐତିହ୍ୟର ଅନୁଭବ ନେବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାର ସିଦ୍ଧାର୍ଥ ମହାନ୍ତି ଭାରତୀୟ ଜୀବନ ବୀମା ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମହାନ୍ତିଙ୍କର ସଫଳ କାର୍ଯ୍ୟକାଳ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲା ଖଣିଜ ପାଣ୍ଠିର ସୁବିନିଯୋଗ ପାଇଁ ଉପଯୁକ୍ତ ପଦକ୍ଷେପ ନେଇ ସ୍କଚ୍ ପୁରସ୍କାର ୨୦୨୦ର ସେମି-ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବାରୁ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି । ରାଜ୍ୟ ସରକାର ଖଣି ସଂପର୍କିତ କାର୍ଯ୍ୟ ଯୋଗୁଁ କ୍ଷତିଗ୍ରସ୍ତ ଲୋକମାନଙ୍କ କଲ୍ୟାଣ ଉପରେ ପ୍ରାଧାନ୍ୟ ଦେଉଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୪,୭୭,୭୫୭ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୩,୮୬୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୦,୩୨୧ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୩ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୫୮୯ ରହିଛି ।
- ୧,୫୮୯ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**